## ସଂକ୍ଷେପରେ

### ମନ୍ଦିର ତାଲା ଭାଙ୍ଗି ଲୁଟିନେଲେ ଟଙ୍କା, ସୁନା ଅଳଙ୍କାର

ବାଲିଆପାଳ, ୧୦।୧ (ଅମୂଲ୍ୟ କୁମାର ଦାସ)

ବାଲେଶ୍ୱର ଜିଲା ସିଂଲା ଥାନା ଅଧୀନ ନାବରା ଗ୍ରାମରେ ଥିବା ନିତାଇଗୌର ମନ୍ଦିର ଏବଂ ଜାମଶୁଳୀ ଗ୍ରାମରେ ଥିବା ଏକ ମଠରୁ ଗତ ମଙ୍ଗଳବାର ବିଳମ୍ବିତ ରାତିରେ ସିରିଜ ଲୁଟ୍ ହୋଇଛି। ଦୁର୍ବୃତ୍ତମାନେ ତାଲା ଭାଙ୍ଗି ୫ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କାର ସୁନା ଅଳଙ୍କାର, ଆସବାବପତ୍ର ସମେତ ଦାନହୁଣ୍ଡିରୁ ନଗଦ ଟଙ୍କା ଲୁଟି ନେଇଛନ୍ତି। ବୁଧବାର ସକାଳେ ମନ୍ଦିର ପୂଜକ ପ୍ରଥମେ ମନ୍ଦିରକୁ ଆସି ତାଲା ଭାଙ୍ଗି ତଳେ ପଡିଥିବା ଦେଖି ସ୍ଥାନୀୟ ଲୋକ ଏବଂ ସିଂଲା ପୋଲିସକୁ ଖବର ଦେଇଥିଲେ। ସିଂଲା ଥାନା ପୋଲିସ ଏବଂ ସାଇଣ୍ଟିଫିକ ଟିମ୍ ପହଞ୍ଚି ତଦନ୍ତ ଆରମ୍ଭ କରିଛି। ଉଭୟ ମଠ ଏବଂ ମନ୍ଦିରରୁ ଠାକୁରଙ୍କର ସମସ୍ତ ସୁନା ଅଳଙ୍କାର ଏବଂ ଆସବାବପତ୍ର ଲୁଟ୍ କରି ଦୁର୍ବୃତ୍ତମାନେ ଫେରାର ହୋଇଯାଇଛନ୍ତି। ପୋଲିସ ପହଞ୍ଚି ସ୍ଥାନୀୟ ଲୋକଙ୍କୁ ପଚାରାଉଚରା କରିବା ସହ ସାଇଣ୍ଟିଫିକ୍ ଟିମ୍ ସନ୍ଧାନୀ କୁକୁର ସାହାଯ୍ୟରେ ତଦନ୍ତ ଆରମ୍ଭ କରିଛି।

### ପ୍ରଥମ ସେମିଫାଇନାଲ: ସୂର୍ଯ୍ୟଶିଖା କ୍ରିକେଟ କ୍ଲବ ବିଜୟୀ

ଖଇରା, ୧୦।୧ (ଉତ୍କଳବନ୍ଧୁ ପଣ୍ଡା)

ବାଲେଶ୍ୱର ଜିଲା ଖଇରା ବ୍ଲକ ଅଧୀନ ଗଣ୍ଡିବେଡ ହାଇସ୍କୁଲ ପଡିଆରେ ଚାଲିଥିବା ବାବା ଲଙ୍କେଶ୍ୱର ଆନ୍ତଃଜିଲା କ୍ରିକେଟ ଟୁର୍ନାମେଣ୍ଟର ପ୍ରଥମ ସେମିଫାଇନାଲ ମ୍ୟାଚ ଅନୁଷ୍ଠିତ ହୋଇଯାଇଛି। କଡ଼ା ମୁକାବିଲାରେ ଭଦ୍ରକର ସୂର୍ଯଶିଖା କ୍ରିକେଟ କ୍ଲବ ବାସୁଦେବପୁରର ଉତ୍କଳିକା ସ୍ପୋର୍ଟିଂକୁ ୪୨ରନରେ ପରାସ୍ତ କରିଛି। ଗୁଡୁ ମୁଣ୍ଡାଙ୍କୁ ମ୍ୟାନ ଅଫ୍ ଦି ମ୍ୟାଚ ଭାବେ ପୁରସ୍କୃତ କରାଯାଇଥିଲା। ସାର୍ଥକ ରଞ୍ଜନ ବିଶ୍ୱାଳ ଓ ଅଶୋକ କୁମାର ଜେନା ମ୍ୟାଚ ପରିଚାଳନା କରିଥିଲେ। ବାଲେଶ୍ୱର ଭଦ୍ରକ କେନ୍ଦ୍ରୀୟ ସମବାୟ ବ୍ୟାଙ୍କ ସଭାପତି ଗଣେଶ ପ୍ରସାଦ ମହାପାତ୍ର ମୁଖ୍ୟଅତିଥି ଭାବେ ଯୋଗଦେଇ ଖେଳକୁ ଉଦ୍‌ଘାଟନ କରିଥିଲେ। କମଳାକାନ୍ତ ବେହେରା ଓ ଦେବବ୍ରତ ସାହୁ ସ୍କୋର ଦାୟିତ୍ୱରେ ଏବଂ ଉଦୟଭାନୁ ପତି ଓ ମନୋରଞ୍ଜନ ଜେନା ଭାଷ୍ୟକାର ଦାୟିତ୍ୱରେ ରହିଥିଲେ। ସୁଶାନ୍ତ ନାୟକ, ବଣ୍ଟି ନାୟକ, ଜୀବନଜ୍ୟୋତି ଦାସ ଓ ଆକାଶ ନାୟକ ପ୍ରମୁଖ ଖେଳ ପରିଚାଳନାରେ ସହଯୋଗ କରିଥିଲେ।

### ପୋଖରୀରେ ବୁଡ଼ି ଶିଶୁ ମୃତ

ରାଇରଙ୍ଗପୁର, ୧୦।୧ (ମାନସ ମହାନ୍ତି)

ମୟୂରଭଞ୍ଜ ଜିଲା ବାଦାମପାହାଡ଼ ଥାନା ଅଧୀନ ସାତପୌଟିଆ ଗାଁର ଏକ ପୋଖରୀରେ ବୁଡ଼ି ଜଣେ ଶିଶୁର ମୃତ୍ୟୁ ହୋଇଛି। ମୃତ ଶିଶୁ ଜଣକ ହେଲେ ଶୁଭେନ୍ଦୁ ମହାନ୍ତଙ୍କ ଦେଢ଼ ବର୍ଷର ପୁଅ ଶୁଭମ। ଅପରାହ୍ନରେ ମା' ସହିତ ଘର ପଛପଟେ ଥିବା ପୋଖରୀ କୂଳକୁ ଯାଇଥିବା ବେଳେ ଅସାବଧାନତା ବଶତଃ ଶିଶୁ ଜଣକ ପାଣିରେ ବୁଡ଼ି ଯାଇଥିଲେ। ଏନେଇ ଥାନାରେ ଏକ ଅପମୃତ୍ୟୁ ମାମଲା (ନଂ.୨/୨୪)ରୁଜୁ ହୋଇଛି।

# କୁଳଡ଼ିହାରେ ୫୬ ପ୍ରଜାତିର ଦେଶୀ, ବିଦେଶୀ ପକ୍ଷୀ


କୁଳଡ଼ିହାରେ ପକ୍ଷୀଗଣନା

ନୀଳଗିରି, ୧୦।୧ (ପ୍ରଶାନ୍ତ ବିଶ୍ୱାଳ)

ସବୁଜ ବନାନୀ ସହିତ ପ୍ରାକୃତିକ ପ୍ରାଚୁର୍ଯ୍ୟର ଗନ୍ତାଘର ବିସ୍ତୀର୍ଣ୍ଣ ୨୭୨.୭୫ ବର୍ଗ କି.ମି. ପରିବ୍ୟାପ୍ତ ବାଲେଶ୍ୱର ଜିଲା ନୀଳଗିରି କୁଳଡ଼ିହା ଅଭୟାରଣ୍ୟର କେତେକ ଜଳାଶୟକୁ ଶୀତଦିନେ ପ୍ରତିବର୍ଷ ବିଭିନ୍ନ ପ୍ରଜାତିର ପକ୍ଷୀ ଖାଦ୍ୟ ଅନ୍ୱେଷଣରେ ମାଇଲ ମାଇଲ ବାଟ ଅତିକ୍ରମ କରି ଆସିଥାନ୍ତି। ଏହି ପକ୍ଷୀମାନଙ୍କ ସୁରକ୍ଷା, ସେମାନେ କେଉଁ ପ୍ରଜାତିର ଓ ପକ୍ଷୀର ସ୍ୱରରୁ ତାଙ୍କର ଗତିବିଧିକୁ ଜାଣିବା ପାଇଁ ପ୍ରତିବର୍ଷ ପକ୍ଷୀଗଣନା କାର୍ଯ୍ୟକ୍ରମ କରାଯାଇଥାଏ। ଚଳିତବର୍ଷ ମଧ ବନବିଭାଗ ପକ୍ଷରୁ ବିଭିନ୍ନ ସ୍ଥାନରେ ପକ୍ଷୀଗଣନା ଆରମ୍ଭ ହୋଇଛି। ପକ୍ଷୀଙ୍କ ଭିତରେ ବଗ, ଶୁଆ, ଗେଣ୍ଡାଳିଆ, ମାଛରଙ୍କା, ସଲରୀ, କଜଳପାତି, ବୁବୁନ, ଉଦରଦଳିଆ ଆଦି ୫୬ ପ୍ରଜାତିର ଦେଶୀ, ବିଦେଶୀ ପକ୍ଷୀ ଆସିଥିବା ଜଣାପଡ଼ିଛି।

ବାଲେଶ୍ୱର ଡିଏଫ୍‌ଓଙ୍କ ନିର୍ଦ୍ଦେଶରେ ଏସିଏଫ୍ ସୋଭନ ଦିଗନ୍ତ ଚାନ୍ଦ ଓ ରାମଚନ୍ଦ୍ର ମୁର୍ମୁ, କୁଳଡ଼ିହା ରେଞ୍ଜର ପ୍ରବୀର ମୁର୍ମୁଙ୍କ ନେତୃତ୍ୱରେ ଅଭୟାରଣ୍ୟ ଭିତରେ ଥିବା ରିଷିଆ ଡ୍ୟାମ, ବୁଗାଳିବନ୍ଧ, ଖୁମକୁଟ, ତେଣ୍ଡା ସାତଘାଟି ଡ୍ୟାମ୍‌ରେ ପକ୍ଷୀଗଣନା ପାଇଁ

### ସରିଲା ପକ୍ଷୀଗଣନା

୪ଟି ଟିମ୍ ଦ୍ୱାରା ବୁଧବାର ପୂର୍ବାହ୍ନ ୬ଟାରୁ ପକ୍ଷୀଗଣନା ହୋଇଥିଲା। ଏଥିରେ ପକ୍ଷୀ ବିଶେଷଜ୍ଞ ମନୋରଞ୍ଜନ ଦାସ, ପୂର୍ବତନ ୱାଇଲ୍ଡ ଲାଇଫ ୱାର୍ଡେନ ପ୍ରକାଶ ଚନ୍ଦ୍ର ମର୍ଦ୍ଦରାଜ, ସେଞ୍ଚୁରିୟାନ ବିଶ୍ୱବିଦ୍ୟାଳୟର ଛାତ୍ରୀଛାତ୍ର ଭାରତୀ ରଲୁଲ, ମେଘା ସାମଲ, ମୈତ୍ରୀ ମିଶ୍ର, ଅନନ୍ୟା ଅନୁରାଧା ସାହୋ, ଜିଭାନ୍ ଜ୍ୟୋତି ସୁନ୍ଦରାୟ ନାମକ ଛାତ୍ରୀଛାତ୍ରଙ୍କ ସହ ଫରେଷ୍ଟର ଭାଗ୍ୟଶ୍ରୀ ଦ୍ୱିବେଦୀ, ସୂମୋୟା ରଞ୍ଜନ ମାଝି ଓ ଫରେଷ୍ଟଗାର୍ଡ଼, ସବୁଜବାହିନୀ ପକ୍ଷୀଗଣନାରେ ସାମିଲ ହୋଇଥିଲେ। ତେବେ ଅନୁରୂପ ଭାବେ ନୀଳଗିରି ବନବିଭାଗ ଅଧୀନ ପଦ୍ମତୋଳାଠାରେ ନୀଳଗିରି ରେଞ୍ଜର ଆଇଶା ଅକତାରି ନିଶାଙ୍କ ନିର୍ଦ୍ଦେଶରେ ଫରେଷ୍ଟର, ଫରେଷ୍ଟଗାର୍ଡ଼, ସବୁଜବାହିନୀକୁ ନେଇ ପକ୍ଷୀଗଣନା ହୋଇଛି।

# ବିଭିନ୍ନ ପ୍ରଜାତିର ୪୨୫୮ ପକ୍ଷୀ ଚିହ୍ନଟ



କେନ୍ଦୁଝର, ୧୦।୧ (ନରେଶ ଚନ୍ଦ୍ର ପଟ୍ଟନାୟକ)

### କେନ୍ଦୁଝର ବନଖଣ୍ଡ

କେନ୍ଦୁଝର ବନଖଣ୍ଡର ବିଭିନ୍ନ ଜଳାଶୟରେ ପକ୍ଷୀ ଗଣନା ଶେଷ ହୋଇଛି। ଜିଲାର ୨୨ ଟି ଜଳାଶୟ, ଡ୍ୟାମ, ପୋଖରୀରେ ଏହି ଗଣନା କରାଯାଇଛି। ବନ କର୍ମଚାରୀମାନେ ସକାଳ ୬ ରୁ ୧୧ ପର୍ଯ୍ୟନ୍ତ ଗଣନା କରିଥିବା ବେଳେ ସମୁଦାୟ ପାଖାପାଖି ୪୨୫୮ ଜଳ ପକ୍ଷୀ ଥିବା ପ୍ରାଥମିକ ଗଣନାରୁ ଜଣାପଡ଼ିଥିବା ଅତିରିକ୍ତ ବନ ସଂରକ୍ଷକ ଅଶୋକ ଦାସ କହିଛନ୍ତି। ପକ୍ଷୀ ମଧ୍ୟରେ ହ୍ୱିସିଲିଂ ଡକ୍ସ, ଗ୍ରେବିସ, କୁଟସ, ଟିଲସ, କମନ ମୋର ହେନ, ଇଣ୍ଡିଆନ କୋରମୋରେଟ, ଲ୍ୟାପଚିଂ ଭଳି ଅନେକ ପକ୍ଷୀ ଆସିଥିବା ବନ ବିଭାଗ ସୂଚନା ଦେଇଛି। କେନ୍ଦୁଝର ରେଞ୍ଜର ନଳପଙ୍ଗା ଡ୍ୟାମ, ବଡ଼ଶାସନ ପୋଖରୀ, ଟିକରପଡ଼ା ଡ୍ୟାମ, ଚନ୍ଦନୀ ପୋଖରୀ, ସାପୁଆ ଡ୍ୟାମ, କୋଡ଼ିପଶା ଡ୍ୟାମ, କାନଝରୀ ଡ୍ୟାମ, ଜଗଦଳା ଡ୍ୟାମ, ଢୋଲିଆବେଡ଼ା ଡ୍ୟାମ, ଘଟଗାଁ ରେଞ୍ଜର ମାନପୁର ଡ୍ୟାମ, କାଳିମାଟି ଡ୍ୟାମ, କାଣ୍ଡସର ଡ୍ୟାମ, ଭୂୟାଁ ଜୁଆଙ୍ଗ ପୀଢ଼ ରେଞ୍ଜର ବଡ଼ଘାଗରା ଜଳଭଣ୍ଡାର, ତେଲକୋଇ ରେଞ୍ଜର ଖଜୁରିଆ ଡ୍ୟାମ, ଦଣ୍ଡାଧର ଡ୍ୟାମ, ଖୁଣ୍ଟାପଡ଼ା ଡ୍ୟାମ, କାକୁଡ଼ିଅମ୍ବା, ସଲେକେନା ଡ୍ୟାମ, ଚମ୍ପୁଆ ରେଞ୍ଜର ସ୍ଲିମ ଡ୍ୟାମ ଓ ପାଟଣା ରେଞ୍ଜର ଖିରେଇଟାଙ୍ଗିରି ବଡ଼ବନ୍ଧରେ ଏହି ଗଣନା ହୋଇଛି। ୨୨ଟି ଟିମ ଏହି ଗଣନାରେ ସାମିଲ ହୋଇଥିଲେ। ଡଙ୍ଗାରେ ବୁଲି, ବାଇନାକୁଲାରରେ ଦୂରରୁ ଦେଖି ଏହି ଗଣନା କରାଯାଇଥିବା ବେଳେ ଫଟୋ ମଧ ଉଠାଯାଇଛି।

# ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ପକ୍ଷରୁ ସର୍ବସାଧାରଣ ଶୁଣାଣି

ଭଦ୍ରକ, ୧୦।୧ (ସନାତନ ରାଉତ)

ଭଦ୍ରକ ରାନ୍ଦିଆସ୍ଥିତ ଫେରୋ ଆଲୋୟସ୍ ପ୍ରକଳ୍ପର ସମ୍ପ୍ରସାରଣ ନିମନ୍ତେ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ଼ ପକ୍ଷରୁ ରାନ୍ଦିଆ ପଞ୍ଚାୟତ ଉଚ୍ଚ ବିଦ୍ୟାଳୟ ପରିସରରେ ବୁଧବାର ସର୍ବସାଧାରଣ ଶୁଣାଣି ଅନୁଷ୍ଠିତ ହୋଇଯାଇଛି। ଫେରୋ ଆଲୋୟସ୍ ପ୍ଲାଣ୍ଟରେ କାର୍ଯ୍ୟରତ ଗୋଟିଏ ୪୫ ଏମ୍‌ଭିଏ ଓ ୩୩ ଏମ୍‌ଭିଏ ସବ୍‌ଚାର୍ଜଡ ଆର୍କ ଫର୍ନେସ୍ ସହ ପ୍ରସ୍ତାବିତ ୨ଟି ୭୫ ଏମ୍‌ଭିଏ ସବ୍‌ଚାର୍ଜଡ୍ ଆର୍କ ଫର୍ନେସ୍ ମାଧ୍ୟମରେ ବାର୍ଷିକ ୪ ଲକ୍ଷ ୪୫ ହଜାର ଟନ୍ ଫେରୋକ୍ରୋମ ଉତ୍ପାଦନ କରିବା ସହିତ ନୂତନ କଞ୍ଚା ମାଲ ପ୍ରବନ୍ଧନ ସୁବିଧା ଏବଂ ବାର୍ଷିକ ୭ ଲକ୍ଷ ଟନ୍ ପେଲେଟ ସିନ୍ଟର ସ୍ଥାପନ କରିବାକୁ ପରିବେଶୀୟ ମଞ୍ଜୁରୀ ପାଇଁ ଓଡ଼ିଶା ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ଼କୁ ଆବେଦନ କରାଯାଇଥିବା ଶୁଣାଣିରେ ଅବଗତ କରାଯାଇଥିଲା। ଏହି ଶୁଣାଣିରେ ସ୍ଥାନୀୟ ଅଧିବାସୀ, ପରିବେଶୀୟ ସଂସ୍ଥା, ପ୍ରକଳ୍ପ ଯୋଗୁ ଉଚ୍ଛେଦ ଓ ପ୍ରଭାବିତ ହେଉଥିବା ବାସିନ୍ଦା ସେମାନଙ୍କ ପ୍ରସ୍ତାବ, ମତାମତ ଓ ଆପତ୍ତି ଶୁଣାଣିରେ ଉପସ୍ଥାପନ କରିଥିଲେ। ବହୁ ସଂଖ୍ୟାରେ ବାସିନ୍ଦା ଶିଳ୍ପର ବିକାଶ ହେଲେ ସ୍ଥାନୀୟ ଅଞ୍ଚଳର ବିକାଶ ହେବ ବୋଲି ବକ୍ତବ୍ୟ ରଖି ଏହାକୁ ସ୍ୱାଗତ କରିଥିବା ବେଳେ ଜୟ ଜଗନ୍ନାଥ ମଲ୍ଲିକ, ସୁଜତ ମହାପାତ୍ର, ଗେଲଟୁଆର ପୂର୍ବତନ ସରପଞ୍ଚ ସରୋଜ କୁମାର ଦାସ, ଗଣେଶ ପଣ୍ଡା ପ୍ରମୁଖ ସ୍ୱାସ୍ଥ୍ୟ ସମସ୍ୟା, ସ୍ଥାନୀୟ ନିଯୁକ୍ତି, ଦରମା ପ୍ରଦାନରେ ସମାନତା ଆଦି ଦାବି ଉପସ୍ଥାପନ କରିଥିଲେ। ଅତିରିକ୍ତ ଜିଲାପାଳ ଶାନ୍ତନୁ କୁମାର ମହାନ୍ତି ଶୁଣାଣିର ଅଧ୍ୟକ୍ଷତା କରିଥିବା ବେଳେ ଉପଜିଲାପାଳ ମନୋଜ ପାତ୍ର ମଞ୍ଚାସୀନ ଥିଲେ। ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ବାଲେଶ୍ୱରର ଆଞ୍ଚଳିକ ଅଧିକାରୀ ମନମୋହନ ମୁର୍ମୁ ଏହାକୁ ପରିଚାଳନା କରିଥିଲେ। ଚାର୍ଜକ୍ରୋମ ପ୍ଲାଣ୍ଟର ପ୍ରକଳ୍ପ ପରିଚାଳକ ସନତ ମିଶ୍ର ପ୍ରକଳ୍ପ ପ୍ରସ୍ତାବ ଆଗତ କରିଥିବା ବେଳେ ଚାର୍ଜକ୍ରୋମ ପ୍ଲାଣ୍ଟର ମୁଖ୍ୟ ସ୍ୱାସ୍ଥ୍ୟ ସୁରକ୍ଷା ଓ ପରିବେଶ ବିଭାଗ ଅଧିକାରୀ କୃତୀ ସୁନ୍ଦର ମହାପାତ୍ର ଏସବୁର ସମାଧାନ ପାଇଁ ପ୍ରତିଶ୍ରୁତି ଦେଇଥିଲେ। ଶୁଣାଣିରେ ଗେଲପୁର, ଗେଲଟୁଆ, ଓଲଙ୍ଗ, ରାନ୍ଦିଆ, ବାଉଦପୁର, ରାମପୁର ଓ ରାମକୃଷ୍ଣପୁର ୭ ପଞ୍ଚାୟତର ଅଧିବାସୀ ଉପସ୍ଥିତ ରହି ନିଜ ନିଜର ମତ ପ୍ରଦାନ କରିଥିଲେ।


ଶୁଣାଣିରେ ଉପସ୍ଥିତ ଅତିରିକ୍ତ ଜିଲାପାଳ ଓ ଅନ୍ୟମାନେ।

# ପର୍ଯ୍ୟଟକଙ୍କ ଅକାଳ ବିୟୋଗ

### ଅଧା ରହିଲା ଦେବଦର୍ଶନ

ନୀଳଗିରି, ୧୦।୧ (ପ୍ରଶାନ୍ତ ବିଶ୍ୱାଳ)

ଉତ୍ତର ଓଡ଼ିଶାର ପ୍ରମୁଖ ପର୍ଯ୍ୟଟନସ୍ଥଳୀ ବାବା ପଞ୍ଚଲିଙ୍ଗେଶ୍ୱର ଶୈବପୀଠକୁ ଆସିଥିବା ଜଣେ ପର୍ଯ୍ୟଟକ ଦେବଦର୍ଶନ କରି ନ ପାରି ଅକାଳରେ ପ୍ରାଣ ହରାଇଛନ୍ତି। ଭୁବନେଶ୍ୱର ଖଣ୍ଡଗିରି ଅଞ୍ଚଳର ୨୫ରୁ ଊର୍ଦ୍ଧ୍ୱ ପର୍ଯ୍ୟଟକ ବୁଧବାର ଭୋର୍ ସମୟରେ ପଞ୍ଚଲିଙ୍ଗେଶ୍ୱର ଗାଡ଼ି ପାର୍କିରେ ପହଞ୍ଚିଥିଲେ। ଶୈବପୀଠକୁ ଯିବା ପୂର୍ବରୁ ଅନୁଗୋଳ ଜିଲାର ଶରତ ଚନ୍ଦ୍ର ନାୟକ (୫୦) ଅସୁସ୍ଥ ଅନୁଭବ କରିବାରୁ ମହାଦେବ ଦର୍ଶନରେ ଯାଇ ନ ଥିଲେ। ଅନ୍ୟ ସାଥୀମାନେ ଦର୍ଶନ କରି ଫେରିବା ପରେ ଶରତଙ୍କ ଦେହ ଅଧିକ ଖରାପ ହୋଇଥିବା ଜାଣି ନିକଟସ୍ଥ ସନ୍ତରାଗଡ଼ିଆ ହସ୍‌ପିଟାଲକୁ ନେଇଥିଲେ। ସ୍ୱାସ୍ଥ୍ୟାବସ୍ଥା ଅଧିକ ଗୁରୁତର ହେବାରୁ ନୀଳଗିରି ଉପଖଣ୍ଡ ଚିକିତ୍ସାଳୟକୁ ଆମ୍ବୁଲାନ୍ସ ଯୋଗେ ନିଆଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ତେବେ ଅତ୍ୟଧିକ ଏସିଡ ହୋଇଥିବା ଯୋଗୁ ତାଙ୍କର ଏପରି ହୋଇଥିବା ସହଯୋଗୀ ପର୍ଯ୍ୟଟକମାନେ ସୂଚନା ଦେଇଛନ୍ତି। ନୀଳଗିରି ପୋଲିସ ମୃତ ପର୍ଯ୍ୟଟକ ଶରତଙ୍କ ମୃତଦେହକୁ ନୀଳଗିରି ହସ୍ପିଟାଲ ଶବାଗାରରେ ରଖିଥିବା ବେଳେ ପରିବାର ଲୋକ ପହଞ୍ଚିଲା ପରେ ଶବ ବ୍ୟବଚ୍ଛେଦ କରି ହସ୍ତାନ୍ତର କରାଯିବ ବୋଲି ସୂଚନା ମିଳିଛି।

# ପାଟଣା ରେଞ୍ଜରେ ୧୮ଶହରୁ ଊର୍ଦ୍ଧ୍ୱ ପକ୍ଷୀ

ପାଟଣା, ୧୦।୧ (ବୀର କିଶୋର ଦାଶ)

କେନ୍ଦୁଝର ଜିଲା ପାଟଣା ରେଞ୍ଜରେ ବୁଧବାରଠାରୁ ପକ୍ଷୀ ଗଣନା ଆରମ୍ଭ ହୋଇଛି। ରେଞ୍ଜର ଖିରେଇଟାଙ୍ଗିରି ସେକ୍ସନ ରାଜନଗର ନିକଟ ବୈତରଣୀ ଚଢ଼େଇକୁଦୁର ଘାଟ ସହ ଖିରେଇଟାଙ୍ଗିରୀ ଗ୍ରାମର ରାଜାବନ୍ଧଠାରେ ବନ ବିଭାଗର ଦୁଇଟି ଟିମ୍‌ରେ ୧୦ ଜଣ ବନ କର୍ମଚାରୀ ଗଣତିରେ ନିୟୋଜିତ ହୋଇଛନ୍ତି। ରାଜନଗରର ଚଢ଼େଇ କୁଦୁରକୁ ଶତାଧିକ ଲେଶର ହ୍ୱିସିଲିଂ ଡକ୍‌ଙ୍କ ଆଗମନ ହୋଇଛି। ଏଠାରେ ଜାତୀୟ ୧୮ଶହରୁ ଊର୍ଦ୍ଧ୍ୱ ପକ୍ଷୀଙ୍କ ସମାଗମ ହୋଇଛି। ପାଟଣା ରେଞ୍ଜର ବନ ବିହାରୀ ସର୍ଦାରଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଗଣତି ହେଉଥିବା ବେଳେ ଆଉ ୨ଦିନ ଚାଲିବ ବୋଲି ରେଞ୍ଜର କହିଛନ୍ତି।

# ଗୁଣାତ୍ମକ ସୁରକ୍ଷା ପଦ୍ଧତି ପାଇଁ ଟିପିଏନ୍‌ଓଡିଏଲ୍‌କୁ 'ପ୍ଲାଟିନମ' ସମ୍ମାନ


ଅତିଥିଙ୍କଠାରୁ ସମ୍ମାନ ଗ୍ରହଣ କରୁଛନ୍ତି ଟିପିଏନଓଡିଏଲ ଅଧିକାରୀ।

ବାଲେଶ୍ୱର, ୧୦।୧ (ମାନସ ବିଶ୍ୱାଳ)

ବାଲେଶ୍ୱର ଜିଲା ରେମୁଣା ଗୋଲେଇ ସ୍ଥିତ ଟିପି ନର୍ଦ୍ଦନ ଓଡ଼ିଶା ଡିଷ୍ଟ୍ରିବ୍ୟୁଶନ ଲିମିଟେଡ (ଟିପିଏନଓଡିଏଲ୍)ର ଗୁଣାତ୍ମକ ସୁରକ୍ଷା ପଦ୍ଧତିକୁ ମିଳିଛି ଆଉ ଏକ ସ୍ୱୀକୃତି। କାର୍ଯ୍ୟକ୍ଷେତ୍ରରେ ସୁରକ୍ଷା ପଦ୍ଧତି ପାଇଁ ଟିପିଏନ୍‌ଓଡିଏଲକୁ 'ପ୍ଲାଟିନମ' ସମ୍ମାନରେ ସମ୍ମାନିତ କରାଯାଇଛି।

'ସଷ୍ଟେନେବଲ ଡେଭଲପମେଣ୍ଟ ଫାଉଣ୍ଡେଶନ' ପକ୍ଷରୁ କେରଳର ଥିରୁଭନ୍ତପୁରମରେ ଆୟୋଜିତ '୧୫ତମ ବୃତ୍ତିଗତ ସୁରକ୍ଷା ଓ ସ୍ୱାସ୍ଥ୍ୟ ସମ୍ମିଳନୀ'ରେ ଟିପିଏନଓଡିଏଲ୍‌କୁ ଏହି ସମ୍ମାନଜନକ ପୁରସ୍କାର ପ୍ରଦାନ କରାଯାଇଛି। ଏହାକୁ ନେଇ ଟିପିଏନଓଡିଏଲ୍ ସିଇଓ ଭାସ୍କର ସରକାର ଖୁସିବ୍ୟକ୍ତ କରିବା ସହ ଏହି ସଫଳତା ଆମ ପରିବାରର ପ୍ରତ୍ୟେକ ସଦସ୍ୟଙ୍କ ପାଇଁ ଏକ ନିରାପଦ ଏବଂ ସୁସ୍ଥ ପରିବେଶ ସୃଷ୍ଟି ଦିଗରେ ଅଧିକ ପ୍ରେରଣା ଦେବ ବୋଲି କହିଛନ୍ତି। ଏହି ସ୍ୱୀକୃତି ଆମର ଅଦମ୍ୟ ଉତ୍ସର୍ଗର ଏକ ପ୍ରମାଣ। ଏହା ସାମୂହିକ ପ୍ରୟାସ ଏବଂ ନିରାପତ୍ତା ପ୍ରତି ପ୍ରତିବଦ୍ଧତାକୁ ପ୍ରତିଫଳିତ କରିଛି। ସେ ଆହୁରି ଦର୍ଶାଇଛନ୍ତି ଯେ, ପ୍ଲାଟିନମ୍ ପୁରସ୍କାର ଆମ କମ୍ପାନୀକୁ ସୁରକ୍ଷା କ୍ଷେତ୍ରର ଅଗ୍ରଣୀ ଭାବରେ ସ୍ୱୀକୃତି ଦେଇଛି। ସୁରକ୍ଷା ମାନଦଣ୍ଡରେ ଉତ୍କର୍ଷତା ପାଇଁ ଏକ ମାନଦଣ୍ଡ ମଧ ସ୍ଥିର କରିଛି ବୋଲି ସେ ଦର୍ଶାଇଛନ୍ତି।

# 'ତିହିଡ଼ି ହେବ ସରସ ସୁନ୍ଦର'



ତିହିଡ଼ି, ୧୦।୧ (ସଞ୍ଜିତ ବଳ)

### ଖବରଦାତା ସମ୍ମିଳନୀରେ ଘୋଷଣା କଳା ମଣିଶଙ୍କର ସେବା ସଙ୍ଗଠନ

ଭଦ୍ରକ ଜିଲା ତିହିଡ଼ିକୁ ସରସ ସୁନ୍ଦର କରିବାକୁ ସଂକଳ୍ପବଦ୍ଧ ବୋଲି ମଣିଶଙ୍କର ସେବା ସଙ୍ଗଠନ ଖବରଦାତା ସମ୍ମିଳନୀରେ ଦୃଢୋକ୍ତି ପ୍ରକାଶ କରିଛି। ସ୍ଥାନୀୟ କାଳୀପଡ଼ିଆରେ ମଙ୍ଗଳବାର ସନ୍ଧ୍ୟାରେ ଆୟୋଜିତ ଖବରଦାତା ସମ୍ମିଳନୀରେ ତିହିଡ଼ିକୁ ସବ୍‌ଡିଭିଜନର ମାନ୍ୟତା ପ୍ରଦାନ ପାଇଁ ମଧ ଦାବି ଉପସ୍ଥାପନ କରାଯାଇଥିଲା। ସଙ୍ଗଠନର ଆବାହକ ସୁମନ୍ତ କୁମାର ମହାନ୍ତିଙ୍କ ପୌରୋହିତ୍ୟ ଓ କ୍ରୀଡ଼ାବିତ୍ ପ୍ରଫୁଲ୍ଲ ଜତିଙ୍କ ସଂଯୋଜନାରେ ଭାଜପା ନେତା ପ୍ରତାପ ଜେନା, ସାମାଜିକକର୍ମୀ ପାର୍ଥସାରଥି ନାୟକ, ବିଜେଡ଼ି ଯୁବ ନେତା ସଂଗ୍ରାମ ଦାସ, କଂଗ୍ରେସ ଯୁବ ନେତା ବିପିନ ବିହାରୀ ପତି, ସୋମନାଥ ପ୍ରଧାନ, ଜୟପ୍ରକାଶ ବେହେରା, କୁମାର ଗଙ୍ଗାଧର, ତପୁନ ପାଣି ପ୍ରମୁଖ ଯୋଗଦେଇ ସଙ୍ଗଠନର ସମାଜସେବାରେ ସେମାନଙ୍କ ସହଯୋଗ ରହିବ ବୋଲି ପ୍ରକାଶ କରିଥିଲେ। ତିହିଡ଼ି ବଜାରରେ ଜବରଦଖଲ ଉଚ୍ଛେଦ, ପରିବେଶ ସୁରକ୍ଷା, ଶିକ୍ଷା, ସ୍ୱାସ୍ଥ୍ୟସେବା ଉପରେ ଗୁରୁତ୍ୱ ଦିଆଯିବା ସହ ଗରିବ ମେଧାବୀ ଛାତ୍ର ଓ ବାସହୀନ ବ୍ୟକ୍ତିଙ୍କୁ ସହାୟତା କରାଯିବ ବୋଲି ସଙ୍ଗଠନ ପକ୍ଷରୁ କୁହାଯାଇଥିଲା। ପରେ ସଙ୍ଗଠନ ପକ୍ଷରୁ ୫ଜଣ ପୂଜାରୀ, ୩ଜଣ ଖବରଦାତା ଓ ଜଣେ ସାମାଜିକ କର୍ମୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। କୈଳାସ ଚନ୍ଦ୍ର ହୋତା, ସରିତ ମାହୁନ୍ତ, ଚନ୍ଦ୍ରକାନ୍ତ ନାଥ, ମଦନ ମୋହନ ବେହେରା, କିରଣ ମହାନ୍ତି, ଦିବାକର ସେନାପତି, ପୂର୍ଣ୍ଣଚନ୍ଦ୍ର ନାୟକ ପ୍ରମୁଖ କର୍ମକର୍ତ୍ତା କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲା।

# ୧୦ ଦିନରେ ଟିବିରେ ଗଲାଣି ୨ଜୀବନ

ପାଟଣା, ୧୦।୧ (ବୀର କିଶୋର ଦାଶ)

କେନ୍ଦୁଝର ଜିଲା ପାଟଣା ବ୍ଲକ୍ ଡୁରୁମୁଙ୍ଗା ପଞ୍ଚାୟତ ତ୍ରିବିନ୍ଧା ଗ୍ରାମରେ ୧୦ଦିନ ମଧ୍ୟରେ ଦୁଇ ଜଣଙ୍କ ଟିବିରେ ମୃତ୍ୟୁ ଘଟିଛି। ଗତ ଡିସେମ୍ବର ୨୯ ତାରିଖରେ କାଳନ୍ଦୀ ନାଏକ(୪୨)ଙ୍କ ମୃତ୍ୟୁ ଘଟିଥିବା ବେଳେ ମଙ୍ଗଳବାର ରାତିରେ ସାଗର ନାଏକ (୩୨)ଙ୍କ ମୃତ୍ୟୁ ଘଟିଛି। ସାଗରଙ୍କ ଆତ୍ମୀୟ ନ ଥିବାରୁ ତାଙ୍କ ମୃତ୍ୟୁ ପରେ ସାମାଜିକକର୍ମୀ ବଳଭଦ୍ର ନାଏକ ଶେଷକୃତ୍ୟ ସମ୍ପନ୍ନ କରିଥିଲେ। ପାଟଣା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ଡ଼ା. ଶୁଭେନ୍ଦୁ ନାଏକ କହିଛନ୍ତି, ଉଭୟ ଟିବିରେ ଆକ୍ରାନ୍ତ ହୋଇ ଚିକିତ୍ସାଧୀନ ଥିଲେ।

# ଗନ୍ଧାଲପଦା ଲୌହଖଣି ପରିବେଶ ମଞ୍ଜୁରୀ ପାଇଁ ଜନଶୁଣାଣି

ଯୋଡା, ୧୦।୧ (ମାନସ ମହାନ୍ତି)

କେନ୍ଦୁଝର ଜିଲା ଯୋଡ଼ା ଖଣି ମଣ୍ଡଳରେ ଥିବା ଟାଟା ଷ୍ଟିଲ ମାଇନିଂ ଲିମିଟେଡ୍‌ର ଗନ୍ଧାଲପଦା ଲୌହ ଖଣିର ପରିବେଶ ମଞ୍ଜୁରୀ ନିମନ୍ତେ ଜନଶୁଣାଣି ବୁଧବାର ଗନ୍ଧାଲପଦାଠାରେ ଅନୁଷ୍ଠିତ ହୋଇଯାଇଛି। ଅଞ୍ଚଳରେ ଥିବା ଗନ୍ଧାଲପଦା ଗୁଆଲି ଏବଂ ବରପଦା ଗ୍ରାମରେ ସମୁଦାୟ ୨୪୧.୧୦ ହେକ୍ଟର ପରିମିତ ଅଞ୍ଚଳରେ ଅବସ୍ଥିତ ଗନ୍ଧାଲପଦା ଲୌହ ପଥର ଖଣିରୁ ବାର୍ଷିକ ଉତ୍ପାଦନ ୧୦ ନିୟୁତ ଟନ (ଆର ଓ ଏମ) ସହିତ ସମୁଦାୟ ବାର୍ଷିକ ୧୮ ନିୟୁତ ଟନ ଉତ୍ତୋଳନ କରିବା ନିମନ୍ତେ ପ୍ରସ୍ତାବ ରହିଛି। ସମୁଦାୟ ୧୩୦ ଜଣ ସ୍ଥାନୀୟ ଅଞ୍ଚଳବାସୀ ନିଜ ନିଜର ମତବ୍ୟକ୍ତ କରି ଅଞ୍ଚଳର ଉନ୍ନତି ସହ ସମସ୍ୟା ସମ୍ପର୍କରେ ଦୃଷ୍ଟି ଆକର୍ଷଣ କରିଥିଲେ। ୩ ଜଣ ଲିଖିତ ଦାବି ଜଣାଇଥିଲେ। ପ୍ରଭାବିତ ଅଞ୍ଚଳର ସ୍ଥାନୀୟଙ୍କୁ ନିଯୁକ୍ତି, ସ୍ୱାସ୍ଥ୍ୟ ସେବା, ପାରିପାର୍ଶ୍ୱିକ ଉନ୍ନତି, ପାନୀୟ ଜଳର ବ୍ୟବସ୍ଥା, ବିଦ୍ୟୁତ୍ କରଣ ଆଦି ଦାବି କରି ପ୍ରସ୍ତାବକୁ ସମର୍ଥନ ଜଣାଇଥିଲେ। ଶେଷରେ ଟାଟା ଷ୍ଟିଲ ଲିମିଟେଡ ପକ୍ଷରୁ (ଓଏମକ୍ୟୁ) ମହାପ୍ରବନ୍ଧକ ଅତୁଲ ଭଟ୍ଟନାଗର, ନିଜ ବକ୍ତବ୍ୟରେ ଲୋକମାନଙ୍କ ଦାବି ସମ୍ପର୍କରେ ପ୍ରତିକ୍ରିୟା ରଖିଥିଲେ। ସଭାକୁ ଜିଲା ସହର ଉନ୍ନୟନ ସଂସ୍ଥା ପ୍ରକଳ୍ପ ନିର୍ଦ୍ଦେଶକ ଘାସିରାମ ମୁର୍ମୁ ସଭାପତିତ୍ୱ କରିଥିଲେ। ଆଞ୍ଚଳିକ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ଅଧିକାରୀ ପ୍ରଶାନ୍ତ କର ପରିଚାଳନା କରିଥିଲେ।




# ଚାଷୀଙ୍କୁ ଭେଳିକି କାନପୁର ପ୍ରକଳ୍ପ

- ୪୦୦ କି.ମି. କେନାଲରୁ ସରିଛି ୨୫୦ କି.ମି.
- ୨୦୨୪ରେ ବି ସରିବା ଆଶଙ୍କା

କେନ୍ଦୁଝର, ୧୦।୧ (ଦୀପକ ମିଶ୍ର)

କେନ୍ଦୁଝର ଜିଲା ଯୋଡ଼ା ବ୍ଲକ୍ ଅଞ୍ଚଳରେ ନିର୍ମାଣାଧୀନ କାନପୁର ଜଳସେଚନ ପ୍ରକଳ୍ପ ଚାଷୀଙ୍କ ପାଇଁ ଭେଳିକି ହୋଇଛି। ମୁଖ୍ୟ ଶାସନ ସଚିବ ଜିଲା ଗସ୍ତ ସମୟରେ ୨୦୨୩ ଜୁନ୍‌ରେ ପ୍ରକଳ୍ପ ନିର୍ମାଣ ଶେଷ ହୋଇ ଡିସେମ୍ବରରେ ଜମିକୁ ପାଣି ମାଡ଼ିବ ବୋଲି ଘୋଷଣା କରିଥିଲେ। ଏପର୍ଯ୍ୟନ୍ତ କେନାଲ କାମ ଶେଷ ହୋଇ ନାହିଁ। ତେଣୁ ୨୦୨୪ରେ ବି ପ୍ରକଳ୍ପରୁ ଚାଷୀ ଜଳ ପାଇବେ କି ନାହିଁ ତାହା ଆଶଙ୍କାରେ ରହିଛି।

ସୂଚନାଯୋଗ୍ୟ, ଯୋଡ଼ା ବ୍ଲକ୍‌ର ବାସୁଦେବପୁରଠାରେ କାନପୁର ବୃହତ୍ ଜଳ ସେଚନ ପ୍ରକଳ୍ପ ନିର୍ମାଣ କାମ ଚାଲିଛି। ପ୍ରାୟ ୩୦ ବର୍ଷରୁ ଊର୍ଦ୍ଧ୍ୱ କାମ ଚାଲିଥିବା ବେଳେ ଡ୍ୟାମ୍ ପାଇଁ ୧୬ ଗାଁ ବିସ୍ଥାପିତ ହୋଇଛି। ପ୍ରକଳ୍ପ ଦ୍ୱାରା ଜିଲାର ୫ ବ୍ଲକ୍ ଯଥା ଯୋଡ଼ା, ଚମ୍ପୁଆ, ଝୁମ୍ପୁରା, ସଦର, ପାଟଣା ବ୍ଲକ୍‌ର ମୋଟ ୨୨୨ଟି ଗାଁର ୨ ଲକ୍ଷ ୪୪ ହଜାର ୫୦୦ ଚାଷୀ ଉପକୃତ ହେବେ। ପ୍ରକଳ୍ପ ଦ୍ୱାରା ମୋଟ ୨୯ ହଜାର ୫୬୮ ହେକ୍ଟର ଜମିରେ ପାଣି ମାଡ଼ିବ ବୋଲି ଯୋଜନା ରହିଛି। ୨୦୨୩ ଜାନୁଆରୀ ୨୨ରେ କାନପୁର ଗସ୍ତକରି ତତ୍କାଳୀନ ମୁଖ୍ୟ ଶାସନ ସଚିବ ସୁରେଶ ମହାପାତ୍ର ଡିସେମ୍ବରରେ ଡ୍ୟାମ୍‌ରୁ ପାଣି ଜମିକୁ ମାଡ଼ିବ ବୋଲି କହିଥିଲେ। ମାତ୍ର ବର୍ତ୍ତମାନ ପରିସ୍ଥିତିରେ କଠିନ ପଥର ପଡ଼ିବା କାରଣରୁ ୧ କି.ମି. ଲମ୍ବ ପ୍ଲାଷ୍ଟିକ କଂକ୍ରିଟ କାମରେ ବିଳମ୍ବ ହେଉଥିବା ଠିକା ସଂସ୍ଥା ପକ୍ଷରୁ କୁହାଯାଇଛି। ସେହିପରି ସ୍ପିଲ୍‌ୱେ ବ୍ଲକ୍ କାମ ସରିନାହିଁ। ଏହି କାମ ପାଇଁ ଆଉ କିଛି ମାସ ଲାଗିବ ବୋଲି ଆକଳନ କରାଯାଉଛି। ସେହିପରି ନିର୍ମାଣ ହେବାକୁ ଥିବା ୪୦୦ କି.ମି. ଲମ୍ବର କେନାଲରୁ ଅଦ୍ୟାବଧି ୨୫୦ କି.ମି. କାମ ଶେଷ ହୋଇଛି ବୋଲି କାନପୁର ଜଳସେଚନ ପ୍ରକଳ୍ପର ମୁଖ୍ୟଯନ୍ତ୍ରୀ ପ୍ରସନ୍ନ ପାଣି ପ୍ରକାଶ କରିଛନ୍ତି। ଅପରପକ୍ଷରେ ଆଇନଗତ ଦିଗ ପାଇଁ ଜଙ୍ଗଲ ଜମିରେ ପଡୁଥିବା ପ୍ରାୟ ୧୦୦ କି.ମି. କେନାଲ କାମରେ ବିଳମ୍ବ ହେଉଛି। ପ୍ରକଳ୍ପର ମୁଖ୍ୟଯନ୍ତ୍ରୀ ପାଣି କହିଛନ୍ତି, ଆସନ୍ତା ବର୍ଷା ଋତୁରେ ପାଣି ଅମଳକରି ରଖାଯାଇ ଜମିକୁ ଛଡ଼ାଯିବା ଯୋଜନା ରହିଛି। ସେ କାର୍ଯ୍ୟରେ ଯୋଗଦାନ ଦିନଠାରୁ ୫ ହଜାରରୁ ଊର୍ଦ୍ଧ୍ୱ ବିସ୍ଥାପିତଙ୍କ ସମସ୍ୟା ସମାଧାନ କରିଥିବା କହିଥିଲେ।



## ସଂକ୍ଷେପରେ

### ଏମ୍‌କେସି ହାଇସ୍କୁଲର ବାର୍ଷିକୋତ୍ସବ

ବାରିପଦା,୧୦।୧(ନୀଳାଦ୍ରି ବିହାରୀ ଦଣ୍ଡପାଟ)

ବାରିପଦାସ୍ଥିତ ମହାରାଜା କୃଷ୍ଣଚନ୍ଦ୍ର (ଏମ୍‌କେସି) ଉଚ୍ଚ ବିଦ୍ୟାଳୟର ବାର୍ଷିକ ଉତ୍ସବ 'ଦର୍ପଣ -୨୦୨୩-୨୪' ଅନୁଷ୍ଠିତ ହୋଇଯାଇଛି। ପ୍ରଧାନ ଶିକ୍ଷୟିତ୍ରୀ ବାସନ୍ତୀ ଗୁଡୁଙ୍କ ସଭପତିତ୍ୱରେ ଅନୁଷ୍ଠିତ ସମାରୋହରେ ମୁଖ୍ୟ ଅତିଥି ଭାବେ ବିଦ୍ୟାଳୟ ଗଣଶିକ୍ଷା ମନ୍ତ୍ରୀ ସୁଦାମ ମାରାଣ୍ଡି, ମୁଖ୍ୟବ୍ୟକ୍ତା ଜିଲା ଶିକ୍ଷାଧିକାରୀ ପୂର୍ଣ୍ଣଚନ୍ଦ୍ର ସେଠୀ, ସମ୍ମାନିତ ଅତିଥି ଭାବେ ବାରିପଦା ବିଧାୟକ ପ୍ରକାଶ ସୋରେନ, ବାରିପଦା ପୌରାଧ୍ୟକ୍ଷ କୃଷ୍ଣାନନ୍ଦ ମହାନ୍ତି, ପୁରାତନ ଛାତ୍ର ସଂସଦ ସଭାପତି ପୂର୍ଣ୍ଣେନ୍ଦୁ କୁମାର ଦାସ, ବିଶିଷ୍ଟ ବୈଜ୍ଞାନିକ ଡ.ଶିବାଶିଷ ଗିରି ଯୋଗଦେଇଥିଲେ। ବିଭିନ୍ନ କ୍ଷେତ୍ରରେ କୃତିତ୍ୱ ଅର୍ଜନ କରିଥିବା ଛାତ୍ରୀଛାତ୍ର ପୁରସ୍କୃତ କରାଯାଇଥିଲା। ଶିକ୍ଷୟିତ୍ରୀ ଗାୟତ୍ରୀ ପୃଷ୍ଟି ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ଶିକ୍ଷକ ଲକ୍ଷ୍ମୀ ନାରାୟଣ ମହାନ୍ତ ସଭା ପରିଚାଳନା କରିଥିଲେ। ଶିକ୍ଷକ ରାଜୀବ ଲୋଚନ ଜେନା ପୁରସ୍କାର ବିତରଣ ସଭା ପରିଚାଳନା, ଶିକ୍ଷକ ବୁଦ୍ଧିରାମ ସିଂ ଓ ଶିକ୍ଷୟିତ୍ରୀ ପୁଷ୍ପଲତା ସାହୁ ସାଂସ୍କୃତିକ କାର୍ଯକ୍ରମ ପରିଚାଳନା କରିଥିଲେ। ସମସ୍ତ ଶିକ୍ଷୟିତ୍ରୀ ଶିକ୍ଷକ ତଥା ଶିକ୍ଷା କର୍ମଚାରୀ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।ଶିକ୍ଷୟିତ୍ରୀ କୁଞ୍ଜବାଳା ମହାନ୍ତ ଧନ୍ୟବାଦ ଅର୍ପଣ କରିଥିଲେ।

### ଜିସିଇ ବଞ୍ଚାଓ ଅଭିଯାନ ପକ୍ଷରୁ ଜିଲ୍ଲାପାଳଙ୍କୁ ଦାବିପତ୍ର

କେନ୍ଦୁଝର,୧୦।୧(ନରେଶ ଚନ୍ଦ୍ର ପଟ୍ଟନାୟକ)

ରାଜ୍ୟ ସରକାରଙ୍କ ବୈଷୟିକ ଶିକ୍ଷା ବିଭାଗ ପକ୍ଷରୁ ହୋଇଥିବା ଏକ ମାତ୍ର ସରକାରୀ ଯାନ୍ତ୍ରିକ ମହାବିଦ୍ୟାଳୟ ଘରୋଇ କରଣକୁ ବିରୋଧ କରି ସର୍ବଦଳ, ନାଗରିକ ଓ ବୁଦ୍ଧିଜୀବୀମାନଙ୍କୁ ନେଇ ଜିସିଇ ବଞ୍ଚାଓ ଅଭିଯାନ କର୍ମକର୍ତ୍ତା କେନ୍ଦୁଝର ଜିଲ୍ଲାପାଳଙ୍କୁ ଭେଟି ଦାବିପତ୍ର ପ୍ରଦାନ କରାଯାଇଛି। ଅଭିଯାନ ପକ୍ଷରୁ ପୂର୍ବରୁ ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ସ୍ମାରକପତ୍ର ପ୍ରଦାନ କରାଯାଇଥିବା ବେଳେ ମଙ୍ଗଳବାର ଗ୍ରାମ୍ୟ ଉନ୍ନୟନ ଏବଂ ଦକ୍ଷତା ଓ ବୈଷୟିକ ଶିକ୍ଷାମନ୍ତ୍ରୀ ପ୍ରୀତିରଞ୍ଜନ ଘଡେଇଙ୍କୁ ଭେଟି ଆଲୋଚନା କରିଥିଲେ। ଜିଲ୍ଲାପାଳ ଆଶିଷ ଠାକ୍ରେ ପ୍ରତିକ୍ରିୟାରେ କହିଛନ୍ତି, ସରକାରୀ ଯାନ୍ତ୍ରିକ ମହାବିଦ୍ୟାଳୟ କେବେ ବି ଘରୋଇକରଣ ହୋଇପାରିବନି। ମହାବିଦ୍ୟାଳୟର କିଛି ଉନ୍ନତି ପାଇଁ କୌଣସି ଉପଦେଷ୍ଟା ମଣ୍ଡଳୀର ପିପିପି ମାଧ୍ୟମରେ ବୈଷୟିକ ସହାୟତା ନିଆଯାଇ ଥାଇପାରେ କିନ୍ତୁ ସେ ବିଷୟରେ ଜାଣି ନ ଥିବା କହିଥିଲେ। ତୁରନ୍ତ ସମାଧାନ କରିବାକୁ ବିଭାଗ ସହିତ ଆଲୋଚନା କରିବେ ବୋଲି କହିଥିଲେ। ଅଭିଯାନର ଆବାହକ ସୁନେଶ ଧୀର, ପିସିସି ସାଧାରଣ ସମ୍ପାଦକ ଆଲୋକ ମିଶ୍ର, ପିସିସି ସମ୍ପାଦକ ସଂଗ୍ରାମ ଦାସ, ଆଇନଜୀବୀ ମେଘନାଦ ମାଝୀ, ଦିଲ୍ଲୀପ କୁମାର ସାହୁ, ଭବାନୀ ଶଙ୍କର ମହାନ୍ତ, ପ୍ରଣୟ ପାଣି, ପ୍ରିୟବ୍ରତ ଆରୁଖ, ଶୁଭଙ୍କର ମହାନ୍ତି, ରାଜୀବ ସାହୁ ଓ ଛାତ୍ରନେତା ଆଶିଷ ପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।

### ପୌରପାଳିକା ସମସ୍ୟା ନେଇ ନିର୍ବାହୀ ଯନ୍ତ୍ରୀଙ୍କୁ ଭେଟିଲା କଂଗ୍ରେସ

ଭଦ୍ରକ,୧୦।୧(ସନାତନ ରାଉତ)

ଭଦ୍ରକ ପୌରପାଳିକାର ସାନିଟାଇଜେସନ ପରିଚାଳନା ନିମନ୍ତେ ଦୀର୍ଘ ୨ ବର୍ଷରୁ ଊର୍ଦ୍ଧ୍ୱ ସମୟ ଧରି ଟେଣ୍ଡର କରାଯାଇ ଏହାକୁ କାର୍ଯ୍ୟକାରୀ ନ କରି ପୁରୁଣା ଟେଣ୍ଡରଧାରୀଙ୍କ ସମୟସୀମାକୁ ପ୍ରତି ୨ ମାସରେ ବଢ଼ା ଯାଉଛି। ବିଭିନ୍ନ ୱାର୍ଡ଼ରେ ଥିବା ସୁପରଭାଇଜରମାନେ ତାଙ୍କ ମନମୁଖୀ କାର୍ଯ୍ୟ କରୁଥିବା ବେଳେ ପୌରାଞ୍ଚଳର ସଫେଇ କାର୍ଯ୍ୟ ନିମ୍ନମାନର ହେଉଛି। ପୌରାଞ୍ଚଳର ରାସ୍ତାରେ ଲାଗିଥିବା ଷ୍ଟ୍ରିଟ୍ ଲାଇଟ୍ ଅଧିକାଂଶ ଅଞ୍ଚଳରେ ଖରାପ ହୋଇଗଲାଣି। ବିଭିନ୍ନ ୱାର୍ଡରେ ବର୍ଷେ ପୂର୍ବରୁ ମାପ ସରିଥିବା ବେଳେ ରାସ୍ତାଘାଟ, ଡ୍ରେନେଜ୍ ଆଦି ପାଇଁ ଟେଣ୍ଡର କରାଯାଉନାହିଁ। ମଶା ଉପଦ୍ରବ ବଢ଼ିଥିବା ଆଦି ବିଭିନ୍ନ ସମସ୍ୟା ନେଇ ଭଦ୍ରକ ବିଧାନସଭା କଂଗ୍ରେସ ନେତା ନଳିନୀକାନ୍ତ ମହାନ୍ତି ବୁଧବାର ପୌର ନିର୍ବାହୀ ଅଧିକାରୀ ଦେବୀ ପ୍ରସାଦ ମହାନ୍ତିଙ୍କୁ ଭେଟି ଆଲୋଚନା କରିଥିଲେ। ଆଲୋଚନାରେ ପାରିଷଦ ସାହେଜାଦୀ ଦୁରେଜିନା, ସେକ୍ ସାହିଲ୍ କାଦ୍ରୀ, ହେମନ୍ତ ସାହୁ, ରୁକ୍‌ସାନା ଖାତୁନ୍, ଜାହିଦ୍ ସାହାଙ୍କ ସମେତ ତନ୍‌ଭୀର ଖାଁ, ଏନାମୁଲ୍ ହକ୍, କାଲୁ ଖାଁ, ବିଜୟ ବାରିକ ପ୍ରମୁଖ ଉପସ୍ଥିତ ଥିଲେ। ଦାବିପୂରଣ ନ ହେଲେ ଆଗାମୀ ଦିନରେ କଂଗ୍ରେସ ଆନ୍ଦୋଳନ କରିବ ବୋଲି ମହାନ୍ତି ଚେତାବନୀ ଦେଇଛି।

# ପରିଚୟ ଖୋଜୁଛି 'କବିତ୍ରା'

■ମୌଳିକ ସୁବିଧାରୁ ବଞ୍ଚିତ ଗ୍ରାମବାସୀ
■ରାଜସ୍ୱ ଗ୍ରାମ ମାନ୍ୟତା ନ ମିଳିଲେ ଭୋଟ ବର୍ଜନ



କେନ୍ଦୁଝର,୧୦।୧(ନରେଶ ଚନ୍ଦ୍ର ପଟ୍ଟନାୟକ)

କେନ୍ଦୁଝର ମୁଖ୍ୟାଳୟକୁ ଲାଗିଥିବା କବିତ୍ରା ଗ୍ରାମ ଅପହଞ୍ଚ ହୋଇ ରହିଛି। ପ୍ରଶାସନିକ ଓ ରାଜନୈତିକ ଉଦାସୀନତା ଯୋଗୁ ଗ୍ରାମକୁ ରାଜସ୍ୱ ମାନ୍ୟତା ମିଳି ନ ଥିବାରୁ ଏଠାରେ ରହୁଥିବା ଲୋକେ ସରକାରୀ ଯୋଜନା ଓ ସୁବିଧାରୁ ବଞ୍ଚିତ ରହିଛନ୍ତି। ଏହାକୁ ନେଇ ଅଭିଯୋଗ, ଗୁହାରି କଲେ ମଧ ଦୀର୍ଘ ବର୍ଷ ହେଲା ସମସ୍ୟା ଶୁଣିବାକୁ କେହି ନାହିଁ। ଫଳରେ ବୁଧବାର ସ୍ଥାନୀୟ ଲୋକେ ଲିଖିତ ଭାବେ ଜିଲାପାଳଙ୍କୁ ସମସ୍ୟା ଜଣାଇ ନ୍ୟାୟ ମାଗିଛନ୍ତି। ଯଦି ନ୍ୟାୟ ନ ମିଳେ ବାଧ ହୋଇ ଭୋଟ ବର୍ଜନ ସହ ରାଜନେତା ଓ ସରକାରୀ କଳଙ୍କୁ ବର୍ଜନ କରିବାକୁ ଚେତାବନୀ ଦେଇଛନ୍ତି।

ଅଭିଯୋଗ ମୁତାବକ, ପୂର୍ବରୁ ଉକ୍ତ ଗ୍ରାମକୁ ପଞ୍ଚାୟତରୁ ଅଲଗାକରି କେନ୍ଦୁଝର ଗଡ଼ ପୌରପାଳିକାରେ ଅନ୍ତର୍ଭୁକ୍ତ କରାଯାଇଥିଲା। ପରବର୍ତ୍ତୀ ସମୟରେ ପୌର ପ୍ରଶାସନର ଅବହେଳା ଯୋଗୁ ସ୍ଥାନୀୟ ଲୋକେ ପୁଣି ପଞ୍ଚାୟତ ଅଧୀନକୁ ଯିବା ପାଇଁ ଦାବି କରିଥିଲେ। ଏନେଇ ଆନ୍ଦୋଳନ କରିବା ସହ ଅଦାଲତର ଦ୍ୱାରସ୍ଥ ହୋଇଥିଲେ। ପରବର୍ତ୍ତୀ ସମୟରେ ଗ୍ରାମକୁ ପୁଣି ପଞ୍ଚାୟତକୁ ହସ୍ତାନ୍ତର କରାଯାଇଥିଲା। ଗ୍ରାମରେ ଏବେ ୪ ୱାର୍ଡରେ ପାଖାପାଖି ୪ ହଜାର ବିଭିନ୍ନ ବର୍ଗ ଓ ଜାତିର ଲୋକ ରହୁଛନ୍ତି। ଏହା ଜିଲାପାଳଙ୍କ କାର୍ଯ୍ୟାଳୟଠାରୁ ମାତ୍ର ୩ କି.ମି. ଦୂରରେ ଅବସ୍ଥିତ। ତେବେ ଦୀପ ତଳ ଅନ୍ଧାର ଭଳି ଏଠାରେ ସରକାରଙ୍କ ବିଭିନ୍ନ ଉନ୍ନତିମୂଳକ ଓ ଦାରିଦ୍ର୍ୟ ଦୂରୀକରଣ ଯୋଜନା ପହଞ୍ଚି ପାରୁନାହିଁ। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ବିଷୟ ଗ୍ରାମ ପୁନଃ ପଞ୍ଚାୟତରେ ମିଶ୍ରଣ ପରଠାରୁ ନିଜର ପରିଚୟ ଖୋଜୁଛି। ଏହା ସଦର ବ୍ଲକ୍ ଅନ୍ତର୍ଗତ ବୋଦାପଲସା ପଞ୍ଚାୟତ ଅଧୀନରେ ଥିଲେ ହେଁ ରାଜସ୍ୱ ଗ୍ରାମର ମାନ୍ୟତା ପାଇ ନ ଥିବାରୁ ଗ୍ରାମକୁ ପକ୍କା ରାସ୍ତା, ପାନୀୟ ଜଳ, ପ୍ରଧାନମନ୍ତ୍ରୀ ଆବାସ, ବିଜୁ ପକ୍କାଘର, ଜବ୍ କାର୍ଡ, କୃଷକ ବୀମା, କୃଷକ ସହାୟତା ରାଶି, ସ୍ୱଚ୍ଛ ଭାରତ ମିଶନ ଭଳି କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଯୋଜନା ଅପହଞ୍ଚ ହୋଇପଡ଼ିଛି। ଫଳରେ ଲୋକମାନେ ଦୀର୍ଘ ବର୍ଷ ହେଲା ଅକଥନୀୟ ଦୁର୍ଦ୍ଦଶାରେ ରହୁଛନ୍ତି। ଏଣୁ ନିର୍ବାଚନ ଘୋଷଣା ପୂର୍ବରୁ ସରକାରୀ ଯୋଜନା ନ ମିଳିଲେ ବାଧ ହୋଇ ଆସନ୍ତା ସାଧାରଣ ନିର୍ବାଚନକୁ ବର୍ଜନକରିବା ସହ ନେତା ଓ ଅଧିକାରୀଙ୍କୁ ଗ୍ରାମରେ ପୂରାଇ ଦେବେନାହିଁ ବୋଲି ୱାର୍ଡମେମ୍ବର ସୁଦୀପ୍ତ ନାୟକ, ଗୌରୀ ନାୟକ, କଲ୍ୟାଣୀ ଜେନାଙ୍କ ସମେତ ଶୁଭ୍ର ମହାନ୍ତ, ମମତା ମହାନ୍ତ, ଜ୍ୟୋତ୍ସ୍ନାରାଣୀ ସାହୁ ଓ ଅନ୍ୟମାନେ ଚେତାବନୀ ଦେବା ସହ ଏ ନେଇ ଏକ ଦାବିପତ୍ର ଜିଲାପାଳଙ୍କୁ ପ୍ରଦାନ କରିଛନ୍ତି। ଏବିଡିଓ ଭାଗବତ ନାୟକ କହିଛନ୍ତି, ଗ୍ରାମ ପୌରଅଞ୍ଚଳରୁ ପଞ୍ଚାୟତକୁ ଆସିବା ପରଠାରୁ ଗ୍ରାମର ସ୍ଥିତି ନେଟ୍‌ରେ ଦେଖାଉନାହିଁ। ଫଳରେ ଉନ୍ନୟନ କାର୍ଯ୍ୟ କରିବାରେ ସମସ୍ୟା ଉପୁଜୁଛି। ସମାଧାନ ପାଇଁ ଜିଲାପାଳଙ୍କୁ ଚିଠି କରାଯାଇଛି।

# ଗଣମାଧ୍ୟମ ବିନା ସମାଜରେ ସଚେତନତା ଅସମ୍ଭବ'

ଗୋପବନ୍ଧୁ ନଗର,୧୦।୧(ଶାନ୍ତନୁ କୁମାର ମଡୁଆଲ)

**ଗୋପବନ୍ଧୁ ନଗର ପ୍ରେସ୍ କ୍ଲବର ବାର୍ଷିକୋତ୍ସବ**

ଗୋପବନ୍ଧୁ ନଗର ବ୍ଲକ ପ୍ରେସ କ୍ଲବର ପଞ୍ଚମ ବାର୍ଷିକ ଉତ୍ସବ ପୁରୁଣା ବାରିପଦା ରିଜିଓନାଲ ଆଇଓିଆଇ କାର୍ଯ୍ୟାଳୟ ସଭାଗୃହରେ ଅନୁଷ୍ଠିତ ହୋଇଯାଇଛି। ପ୍ରେସ କ୍ଲବର ସଭାପତି ନିମାଇଁ ପ୍ରସାଦ ଦାଶଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ମୁଖ୍ୟ ଅତିଥି ଭାବେ ବିଧାୟକ ଭାସ୍କର ଚନ୍ଦ୍ର ମଢେଇ, ମୁଖ୍ୟ ବକ୍ତା କୁଆମରା ସାରସ୍ୱତ ମହାବିଦ୍ୟାଳୟର ଅଧକ୍ଷ ସୁବଳ ଦାସ, ବିଶିଷ୍ଟ ଅତିଥି ବିଡିଓ କରୁଣାକର ଧିନ୍ଦା, ସମ୍ମାନିତ ଅତିଥି ବ୍ଲକ ଶିକ୍ଷା ଅଧିକାର ଡ.ଅଭିମନ୍ୟୁ ସେଠୀ, ସହକାରୀ ଯନ୍ତ୍ରୀ ବିନୟ ଜ୍ୟୋତି ଲେଙ୍କା, ବ୍ଲକ ଉପାଧକ୍ଷା ରଶ୍ମିତା ଚୌଧୁରୀ, ରିଜିଓନାଲ ଆଇଓିଆଇ ଅଧକ୍ଷ ଦିଲ୍ଲୀପ କୁମାର ମଡୁଆଲ, କୁଆମରା ଡାକ୍ତରଖାନାର ମେଡିକାଲ ଅଫିସର ଶାନ୍ତନୁ କୁମାର ଜେନା ପ୍ରମୁଖ ଯୋଗଦେଇ ଗଣମାଧ୍ୟମ ବିନା ସମାଜର ସଚେତନତା ଅସମ୍ଭବ ବୋଲି ମତବ୍ୟକ୍ତ କରିଥିଲେ। କ୍ଲବର ସମ୍ପାଦକ ଡ.କୁମାର ବାବୁଲି ବାର୍ଷିକ ବିବରଣୀ ପାଠ ଓ ଧନ୍ୟବାଦ ଅର୍ପଣ କରିଥିଲେ। ଶିକ୍ଷକ ବଙ୍କିମ ଚନ୍ଦ୍ର ବାରିକ କାର୍ଯ୍ୟକ୍ରମ ସଞ୍ଚାଳନ କରିଥିଲେ। ପ୍ରେସ କ୍ଲବର ସଦସ୍ୟ ହିରେନ ରାୟ, ଚିତ୍ତରଞ୍ଜନ ଦଳେଇ, ଦୀପକ କୁମାର ଚୌଧୁରୀ, ବିଶ୍ୱଜିତ ଦାଶ, ରଞ୍ଜନ କୁମାର ମଡୁଆଲ, ଯୋଗେଶ୍ୱର ସାହୁ, ଜୟନ୍ତ କୁମାର ସ, ସୂର୍ଯ୍ୟକାନ୍ତି ପୁହାଣ, ମାଣିକ ହେମ୍ବ୍ରମ ପ୍ରମୁଖ ପରିଚାଳନା କରିଥିଲେ। ବଡ଼ସାହି ବିବେକାନନ୍ଦ ଶିକ୍ଷାକେନ୍ଦ୍ରର ଛାତ୍ରୀମାନଙ୍କ ଦ୍ୱାରା ନୃତ୍ୟ ଗୀତ ପରିବେଷଣ ହୋଇଥିଲା। ସାଂସ୍କୃତିକ କାର୍ଯ୍ୟକ୍ରମକୁ ଗୁରୁମା ସସ୍ମିତା ଦାସ ପରିଚାଳନା କରିଥିଲେ।

# ଶଙ୍ଖ, ହୁଳହୁଳି ଧ୍ୱନିରେ କମ୍ପିଲା ୭ ପଞ୍ଚାୟତ



ଖଇରା, ୧୦।୧(ଉତ୍କଳବନ୍ଧୁ ପଣ୍ଡା)

ସିମୁଳିଆ ବିଧାୟକ ଜ୍ୟୋତିପ୍ରକାଶ ପାଣିଗ୍ରାହୀ ବାଲେଶ୍ୱର ଜିଲା ଖଇରା ବ୍ଲକ ଅଧୀନ ମାଣିତ୍ରୀ, ସାରଡାଙ୍ଗ, ଝିଙ୍କିରିଆ, ବଡଜୟୀପୁର, ବରଦା, ଅନ୍ତରା ଓ କୁରୁଣ୍ଡା ଆଦି ପଞ୍ଚାୟତରେ ଜଗନ୍ନାଥ ଅର୍ପଣ ରଥ ସହ ଗସ୍ତ କରି ଅରୁଆ ଚାଉଳ ଓ ଗୁଆ ସଂଗ୍ରହ କରିଛନ୍ତି। ରଥ ଗାଁକୁ ଗାଁ ପରିକ୍ରମା କରିବା ଅବସରରେ ଶଙ୍ଖ ହୁଳହୁଳି ସାଙ୍ଗକୁ ଭଜନ କୀର୍ତ୍ତନରେ ଚତୁର୍ଦ୍ଦିଗ ପ୍ରକମ୍ପିତ ହୋଇଥିଲା। ସମ୍ପୃକ୍ତ ପଞ୍ଚାୟତର ଲୋକପ୍ରତିନିଧି, ଆଶା, ଅଙ୍ଗନୱାଡି କର୍ମୀ, ଏମବିକେ, ସିଆରପି ଏବଂ ମହିଳା ଗୋଷ୍ଠୀର ସଦସ୍ୟମାନେ ଉପସ୍ଥିତ ଥିଲେ।

# ପାନୀୟ ଜଳକୁ ନେଇ ଉଦ୍‌ବେଗ

ଭଣ୍ଡାରିପୋଖରୀ,୧୦।୧(ରବିନାରାୟଣ ଖିଲାର)

**ଭଣ୍ଡାରିପୋଖରୀ ପଞ୍ଚାୟତ ସମିତି ବୈଠକ**

ଭଣ୍ଡାରିପୋଖରୀ ପଞ୍ଚାୟତ ସମିତିର ୬ଷ୍ଠ ସାଧାରଣ ପରିଷଦ ବୈଠକ ବୁଧବାର ବ୍ଲକ ମିଶନ ଶକ୍ତି ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ଅଧକ୍ଷା ସୁମତି ସେଠୀଙ୍କ ଅଧକ୍ଷତାରେ ଅନୁଷ୍ଠିତ ବୈଠକରେ ବିଡିଓ ଦେବଦତ୍ତ ଦାଶ, ବ୍ଲକ ଉପାଧକ୍ଷ ପ୍ରଣୀତକାନ୍ତ ସାମଲ, ଜିଲା ପରିଷଦ ସଭ୍ୟ ଉତ୍କଳ କେଶରୀ ମହାନ୍ତି , ଲକ୍ଷ୍ମୀଧର ସାହୁ, ବଦ୍ରିନାରାୟଣ ରାଉତ, ସାଂସଦ ପ୍ରତିନିଧି ଲଳିତ କୁମାର ରାଉତ ପ୍ରମୁଖ ଯୋଗଦେଇ ବିଭିନ୍ନ ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ। ବ୍ଲକ ଅଧୀନ ମାଳଦା, ଦାଳମଡିଆଳୀ, ଜଳମଣ୍ଡୁଆ, ନିର୍ଗୁଣ୍ଡି, କୋରିଗାଁ, ଦକ୍ଷିଣବାଡ ପ୍ରଭୃତି ପଞ୍ଚାୟତ ଅଞ୍ଚଳରେ ପାନୀୟଜଳ ଯୋଗାଣ ବ୍ୟବସ୍ଥା ସମ୍ପୂର୍ଣ୍ଣ ଫେଲ ମାରିଥିବା ବୈଠକରେ ଅଭିଯୋଗ ହୋଇଥିଲା। ଏନେଇ ସରପଞ୍ଚ ବିଶ୍ୱନାଥ ସାହୁ,ସମିତି ସଭ୍ୟ ଜଗତଜୀବନ ବାରିକ, ରଞ୍ଜିତ ଜେନା, ଗୀତାଞ୍ଜଳି ସାମଲ, ଅନିତା ବଳ ପ୍ରମୁଖ କନିଷ୍ଠ ଯନ୍ତ୍ରୀଙ୍କ ଦାୟିତ୍ୱହୀନତାକୁ ଦାୟୀ କରିଥିଲେ। ପାନୀୟ ଜଳଯୋଗାଣ ବିଭାଗର ସହକାରୀ ନିର୍ବାହୀ ଯନ୍ତ୍ରୀ ମୁକୁଳ ଚନ୍ଦ୍ର ଦାସ ଯଥା ଶୀଘ୍ର ସମସ୍ୟା ସମାଧାନ ହେବ ବୋଲି ବୈଠକରେ ପ୍ରତିଶ୍ରୁତି ଦେଇଥିଲେ। ସେହିଭଳି ମହିଳା ଓ ଶିଶୁ ବିକାଶ, ଖାଦ୍ୟ ଯୋଗାଣ,ବିଦ୍ୟୁତ୍, କୃଷି, ଧାନ କ୍ରୟ, ବରିଷ୍ଠ ନାଗରିକ ଭତ୍ତା ସମ୍ପର୍କରେ ଆଲୋଚନା ପାଇଁ ସରପଞ୍ଚ ଦେବଦାସୀ ଜେନା, ଅମୂଲ୍ୟ ନାୟକ, ପୂର୍ଣ୍ଣଚନ୍ଦ୍ର ମାଝି ଭିନ ପ୍ରସ୍ତାବ ଦେଇଥିଲେ। ବିଭାଗୀୟ ଅଧିକାରୀ ସନ୍ଦୀପା ଦାସ, ସରୋଜ କୁମାର ହେୁରିଆ, ନିର୍ଝରଣୀ ରାଉତ,ସାନ୍ତନା ଦାସ ଏସମ୍ପର୍କରେ ଉତ୍ତର ରଖିଥିଲେ। ଗ୍ରାମପଞ୍ଚାୟତ ସମ୍ପ୍ରସାରଣ ଅଧିକାରୀ ମୀନକେତନ ବାରିକ ପୂର୍ବ ବୈଠକର ବିବରଣୀ ପ୍ରଦାନ କରିଥିଲେ। ଆୟୋଜିତ କାର୍ଯ୍ୟକ୍ରମକୁ ଉପ ବିଭାଗୀୟ ଅଧିକାରୀ ଫିରଦୋଷ ଆଲାମ, ପଦ୍ମଲୋଚନ ରାଉତ, ବରିଷ୍ଠ ସହାୟକ ଲଛମନ ସୋରେନ, ସୁଜୟ କୁମାର ଚାନ୍ଦ ପ୍ରମୁଖ ପରିଚାଳନା କରିଥିଲେ।

# ପ୍ରଧାନ ଶିକ୍ଷକ ସମ୍ମିଳନୀ

ବାରିପଦା,୧୦।୧(ନୀଳାଦ୍ରି ବିହାରୀ ଦଣ୍ଡପାଟ)

ମୟୂରଭଞ୍ଜ ଜିଲା ଶ୍ୟାମାଖୁଣ୍ଟା ବ୍ଲକସ୍ତରୀୟ ପ୍ରଧାନଶିକ୍ଷକ ସମ୍ମିଳନୀ ଭାଲୁକିସ୍ଥିତ କ୍ଷୀରୋଦ ଚନ୍ଦ୍ର ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ବ୍ଲକ ଶିକ୍ଷା ଅଧିକାରୀ ଜଗବନ୍ଧୁ ନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ବିଦ୍ୟାଳୟର ପ୍ରଧାନଶିକ୍ଷକ ସସ୍ମିତା ଗିରି ସ୍ୱାଗତ ଭାଷଣ ଦେଇଥିଲେ। ପ୍ରଧାନଶିକ୍ଷକ ନଳିନୀ କୁମାର ଚୌଧୁରୀ ଓ ପ୍ରଧାନଶିକ୍ଷକ ଅମିତାଭ ମିଶ୍ର କାର୍ଯ୍ୟକ୍ରମ ସମ୍ପର୍କରେ ଆଲୋକପାତ କରିଥିଲେ। ପ୍ରଧାନଶିକ୍ଷକ ରାଖାଲ ଚନ୍ଦ୍ର ମହାନ୍ତି ବିବରଣୀ ପାଠ କରିଥିଲେ। ବିଶ୍ୱ ଓଡ଼ିଆ ଭାଷା ସମ୍ମିଳନୀକୁ ଦୃଷ୍ଟିଶ୍ରେ ରଖି ସମସ୍ତ ରୂପାନ୍ତରିତ ଉଚ୍ଚ ବିଦ୍ୟାଳୟର ଛାତ୍ରୀଛାତ୍ର ମାନଙ୍କର ପ୍ରତିଭା ଓ ସୃଜନଶୀଳତାକୁ ଉତ୍ସାହିତ କରିବା ପାଇଁ ବିଦ୍ୟାଳୟସ୍ତରରେ ଏକ ଦିନିକିଆ କାର୍ଯ୍ୟକ୍ରମ ସମ୍ପର୍କରେ ଆଲୋଚନା କରାଯାଇଥିଲା।

# 'ଚରିତ୍ରବାନ,ଶୃଙ୍ଖଳିତ ହେଲେ ସଫଳତା ମିଳିବ'



ଛାତ୍ରୀମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରୁଛନ୍ତି।

ଠାକୁରମୁଣ୍ଡା,୧୦।୧(ତାରାକାନ୍ତ ପଟ୍ଟନାୟକ)

ଚରିତ୍ରବାନ ଓ ଶୃଙ୍ଖଳିତ ହେଲେ ଜୀବନରେ ସଫଳତା ମିଳିବ। ପିଲାମାନଙ୍କ ଦକ୍ଷତାକୁ ଚିହ୍ନି କଳା ଅଙ୍ଗାରଭିତରୁ ହୀରା ବାହାର କରିବାକୁ ପଡ଼ିବ ବୋଲି ଅନୁସୂଚିତ ଜାତି ଓ ଜନଜାତି ଉନ୍ନୟନ, ସଂଖ୍ୟାଲଘୁ ସମ୍ପ୍ରଦାୟ ଓ ପଛୁଆ ବର୍ଗ କଲ୍ୟାଣ ବିଭାଗ ଦ୍ୱାରା ପରିଚାଳିତ ଠାକୁରମୁଣ୍ଡା ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟର ବାର୍ଷିକ ଉତ୍ସବରେ ଯୋଗ ଦେଇଥିବା ଅତିଥିମାନେ ପ୍ରକାଶ କରିଛନ୍ତି। ମଙ୍ଗଳବାର ବିଦ୍ୟାଳୟ ପରିସରରେ ଅୟୋଜିତ କାର୍ଯ୍ୟକ୍ରମରେ ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥା, କରଞ୍ଜିଆର ସ୍ୱତନ୍ତ୍ର ଅଧିକାରୀ କ୍ଷୀରୋଦ କୁମାର ସାମଲ ସଭାପତିତ୍ୱ କରିଥିଲେ। ମୁଖ୍ୟ ଅତିଥି ଭାବେ ଗୋଷ୍ଠୀ ଉନ୍ନୟନ ଅଧିକାରୀ ମନୋଜ କୁମାର କାର୍ଜି, ମୁଖ୍ୟବକ୍ତା ଭାବେ ବ୍ଲକ ଶିକ୍ଷା ଅଧିକାରୀ ରାମଚନ୍ଦ୍ର ନାଏକ, ସମ୍ମାନିତ ଅତିଥି ଠାକୁରମୁଣ୍ଡା ତହସିଲଦାର ଡ.ସୁଶ୍ରୀ ସୁପ୍ରିୟା, ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥା, କରଞ୍ଜିଆର ଅତିରିକ୍ତ ଜିଲା ମଙ୍ଗଳ ଅଧିକାରୀ ଆଲୋକ କୁମାର ମାଝୀ, ଦେବେନ୍ଦ୍ର କୁମାର ସାମଲ, ଶିଶୁ ବିକାଶ ଯୋଜନା ଅଧିକାରିଣୀ ପ୍ରେମଲତା ସେଠୀ, ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ ସୁଶାନ୍ତ କୁମାର ସାହୁ ଏବଂ ବ୍ୟାଙ୍କ ଅଫ୍ ଇଣ୍ଡିଆ ଠାକୁରମୁଣ୍ଡା ଶାଖା ପରିଚାଳକ ସ୍ମୃତି ରଞ୍ଜନ ସାହୁ ଯୋଗ ଦେଇଥିଲେ। ପ୍ରଧାନ ଶିକ୍ଷକ ବଳରାମ ସ୍ୱାଇଁ ବାର୍ଷିକ ବିବରଣୀ ପାଠ କରିଥିଲେ। ଏହି ଅବସରରେ ଆୟୋଜିତ ବିଭିନ୍ନ ପ୍ରତିଯୋଗିତାରେ କୃତିତ୍ୱ ଲାଭ କରିଥିବା ଛାତ୍ରୀମାନଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା। ଛାତ୍ରୀମାନଙ୍କ ଦ୍ୱାରା ଚିତ୍ତାକର୍ଷକ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ବିଦ୍ୟାଳୟ ପରିଚାଳନା କମିଟିର ସମସ୍ତ ସଭ୍ୟା, ସଭ୍ୟ, ସମସ୍ତ ଶିକ୍ଷକ, ଶିକ୍ଷୟିତ୍ରୀ ଏବଂ ଅଣ ଶିକ୍ଷକ କର୍ମଚାରୀ ଏବଂ ଛାତ୍ରୀମାନେ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# ମକର ପର୍ବ ପାଇଁ ସାପ୍ତାହିକ ହାଟରେ ଭିଡ଼

ବାଙ୍ଗିରିପୋଷି,୧୦।୧
(ସଞ୍ଜୟ କୁମାର ଅଗ୍ରୱାଲ)

ଉତ୍ତର ଓଡ଼ିଶାର ପ୍ରମୁଖ ଗଣ ପର୍ବ ହେଉଛି ମକର ପର୍ବ। ଆଉ ମାତ୍ର କିଛିଦିନ ପରେ ଉତ୍ସବମୁଖର ହେବ ମୟୂରଭଞ୍ଜ ଜିଲା। ବାଙ୍ଗିରିପୋଷି ବ୍ଲକ ଅଞ୍ଚଳ ଆଦିବାସୀ ଅଧ୍ୟୁଷିତ ଅଞ୍ଚଳ ହୋଇଥିବାରୁ ମକର ସଂକ୍ରାନ୍ତି ଏଠାରେ ଏକ ସପ୍ତାହରୁ ଅଧିକ ଦିନ ପାଳନ କରା ଯାଇଥାଏ। ସେଥିପାଇଁ ଚଳଚଞ୍ଚଳ ହୋଇଉଠିଛି ସମଗ୍ର ପୁରପଲ୍ଲୀ। ସବୁଠି ଚାଲିଛି ଜୋରସୋରରେ ପ୍ରସ୍ତୁତି। ଗାଁରୁ ସହର ଓ ସପ୍ତାହିକ ହାଟରେ ଲାଗି ରହିଛି ଗହଳି। ବୁଧବାର ବାଙ୍ଗିରିପୋଷି ସାପ୍ତାହିକ ହାଟରେ ପ୍ରବଳ ଗହଳି ଦେଖିବାକୁ ମିଳିଥିଲା। ମକରରେ କିଛି ନା କିଛି ନୂଆ କିଣିବାର ପରମ୍ପରା ରହିଥିବାରୁ ଲୋକେ ଧାନ, ଚାଉଳଠାରୁ ଆରମ୍ଭ କରି ବାଉଁଶ ଟୋକେଇ, ମାଟି ହାଣ୍ଡି ଆଦି ସାମଗ୍ରୀ କିଣୁଥିବା ଦେଖିବାକୁ ମିଳିଥିଲା।

# ଗ୍ରାହକଙ୍କୁ ୨ କୋଟିରୁ ଉର୍ଦ୍ଧ୍ୱ ଟଙ୍କାର ଋଣ ପ୍ରଦାନ




ଗ୍ରାହକଙ୍କୁ ଋଣର ଚେକ୍ ପ୍ରଦାନ କରୁଛନ୍ତି ବ୍ୟାଙ୍କର ଅଧିକାରୀ।

ବାଲେଶ୍ୱର,୧୦।୧(ମାନସ ବିଶ୍ୱାଳ)

**ରିଟେଲ ଏକ୍ସପୋ କାର୍ଯ୍ୟକ୍ରମ**

ବାଲେଶ୍ୱର ସହର ଉପକଣ୍ଠ ନୂଆସାହିଠାରେ କାନାରା ବ୍ୟାଙ୍କ ପକ୍ଷରୁ ଗୃହ, ଗାଡ଼ି ଓ ଶିକ୍ଷା ଋଣ ପ୍ରଦାନ ଲକ୍ଷ୍ୟରେ ଏକ ରିଟେଲ ଏକ୍ସପୋ ଅନୁଷ୍ଠିତ ହୋଇଯାଇଛି। ଆୟୋଜିତ କାର୍ଯ୍ୟକ୍ରମରେ କାନାରା ବ୍ୟାଙ୍କର ଭଦ୍ରକସ୍ଥିତ ଆଞ୍ଚଳିକ ଶାଖାର କ୍ଷେତ୍ରୀୟ ପ୍ରବନ୍ଧକ ଡ. ଦେବେନ୍ଦ୍ର ସିଂହ, ଭଦ୍ରକ ଶାଖା ବରିଷ୍ଠ ପ୍ରବନ୍ଧକ ଶୁଭ୍ରାଂଶୁ ସାମନ୍ତରାୟ, ବାଲେଶ୍ୱରର ଫୁଲୱାରକସବା ଶାଖା ପ୍ରବନ୍ଧକ ମନ୍ଦାକିନୀ ଟୁଡୁ, ସହଦେବଖୁଣ୍ଟା ଶାଖା ପ୍ରବନ୍ଧକ ସ୍ୱରୂପ ଚୌଧୁରୀ, ମୋତିଗଞ୍ଜ ଶାଖା ପ୍ରବନ୍ଧକ ଦେବେଶ ବାରିକ ଓ ସହ ପ୍ରବନ୍ଧକ ଫାଲଗୁନୀ ଘୋଷ ପ୍ରମୁଖ ଯୋଗଦେଇ ବିଭିନ୍ନ ଯୋଜନାରେ ପ୍ରଦାନ କରାଯାଉଥିବା ଋଣ ଓ ରିହାତି ସମ୍ପର୍କରେ ଆଲୋଚନା କରିଥିଲେ। ବିଶେଷକରି ଋଣଗ୍ରହୀତାମାନେ ନେଉଥିବା ଋଣର ସୁବିନିଯୋଗ ଉପରେ ଅଧିକାରୀମାନେ ଗୁରୁତ୍ୱାରୋପ କରିଥିଲେ। କାନାରା ବ୍ୟାଙ୍କର ଏଭଳି ଏକ୍ସପୋ ମାଧ୍ୟମରେ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଅଧୀନରେ କାର୍ଯ୍ୟରତ କର୍ମଚାରୀ, ସେନା ଓ ଅର୍ଦ୍ଧସୈନିକ ବାହିନୀ, କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ସାର୍ବଜନୀନ କ୍ଷେତ୍ର କମ୍ପାନୀ ବା ସ୍ୱୟଂଶାସିତ ସଂସ୍ଥାର କର୍ମଚାରୀଙ୍କୁ ଅତି ସହଜରେ ଗୃହ, ଗାଡି ଓ ଶିକ୍ଷା ଋଣ ପ୍ରଦାନ କରାଯାଉଥିବା ଅତିଥିମାନେ କହିଥିଲେ। ଏହି ଅବସରରେ ବାଲେଶ୍ୱର ଜିଲାର ସଂଖ୍ୟାଧିକ ହିତାଧିକାରୀଙ୍କୁ ୨କୋଟିରୁ ଉର୍ଦ୍ଧ୍ୱ ଟଙ୍କାର ଋଣ ପ୍ରଦାନ କରାଯାଇଛି। ପ୍ରତିଯୋଗିତାମୂଳକ ତଥା ଆକର୍ଷଣୀୟ ସୁଧହାରରେ ଏହି ଋଣ ପ୍ରଦାନ କରାଯାଇଥିବା ବେଳେ ସମସ୍ତ ଋଣ ଡିଜିଟାଲ ପ୍ରକ୍ରିୟା ମାଧ୍ୟମରେ ପ୍ରଦାନ ହୋଇଥିବା ବାରିକ ସୂଚନା ଦେଇଛନ୍ତି। କାନାରା ବ୍ୟାଙ୍କର ବିଭିନ୍ନ ଶାଖାର କର୍ମଚାରୀମାନେ ସମସ୍ତ କାର୍ଯ୍ୟ ପରିଚାଳନାରେ ସହଯୋଗ କରିଥିଲେ।

# ରାଜ୍ୟପାଳଙ୍କୁ ଭେଟିଲେ ପରିବେଶପ୍ରେମୀ ସୁମନ୍ତ

ରୂପସା, ୧୦।୧(ବାଞ୍ଛାନିଧି ଦେ)



ବାଲେଶ୍ୱର ଜିଲା ରକ୍ତଦାତା ସଂଘର ଉପସଭାପତି ତଥା ବସ୍ତା ଥାନା ପେଗରପଡ଼ା ଗ୍ରାମର ପରିବେଶପ୍ରେମୀ ସୁମନ୍ତ କୁମାର ଜେନା ମଙ୍ଗଳବାର ରାଜଭବନକୁ ଯାଇ ରାଜ୍ୟପାଳ ରଘୁବର ଦାସଙ୍କୁ ସୌଜନ୍ୟମୂଳକ ସାକ୍ଷାତ୍ କରିଛନ୍ତି। ରାଜ୍ୟପାଳଙ୍କୁ ନବବର୍ଷରେ ଅଭିନନ୍ଦନ ଜଣାଇବା ସହ ସେ ତାଙ୍କର ସୁସ୍ଥ, ନିରୋଗ ଓ ଦୀର୍ଘ ଜୀବନ କାମନା କରିଛନ୍ତି। ସାକ୍ଷାତ ସମୟରେ ରାଜ୍ୟ ଯୋଜନା ବୋର୍ଡ ସଦସ୍ୟ ତଥା ପୂର୍ବତନ ଏମ୍‌ପି ଡ. ପ୍ରସନ୍ନ କୁମାର ପାଟଶାଣୀ ଉପସ୍ଥିତ ଥିଲେ। ଏହି ଅବସରରେ ରାଜ୍ୟପାଳ ପ୍ଲାଷ୍ଟିକ୍ ବଦଳରେ ପରିବେଶ ଅନୁକୂଳ ଜିନିଷ ବ୍ୟବହାର ପାଇଁ ପରାମର୍ଶ ଦେବା ସହ ପରିବେଶ ସନ୍ତୁଳନ ରକ୍ଷା ପାଇଁ ବ୍ୟାପକ ବୃକ୍ଷରୋପଣର ଆବଶ୍ୟକତା ରହିଛି ବୋଲି ଆଲୋଚନା କରିଥିଲେ। ଏଥିପାଇଁ ତୃଣମୂଳସ୍ତରରୁ ବ୍ୟାପକ ସଚେତନତାର ଆବଶ୍ୟକ ବୋଲି ରାଜ୍ୟପାଳ କହିଥିଲେ। ପରିବେଶ ସୁରକ୍ଷା ଓ ବ୍ୟାପକ ବୃକ୍ଷରୋପଣ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ରାଜ୍ୟ ସରକାରଙ୍କ ତରଫରୁ ଗତବର୍ଷ ସୁମନ୍ତଙ୍କୁ ପ୍ରକୃତିବନ୍ଧୁ ପୁରସ୍କାର ମିଳିଥିଲା। ଏଥିପାଇଁ ରାଜ୍ୟପାଳ ସୁମନ୍ତଙ୍କୁ ବୃକ୍ଷରୋପଣ, ରକ୍ତଦାନ ଶିବିର, ପରିବେଶ ସଚେତନତା ଆଦି ସାମାଜିକ ସେବା କାର୍ଯ୍ୟ ଜାରି ରଖିବାକୁ ଉପଦେଶ ଦେଇଥିଲେ।

# ୧୧ ଜିଲାରୁ ୩୨ କ୍ରୀଡ଼ାବିତ୍‌ଙ୍କ ରାଜସ୍ଥାନ ଯାତ୍ରା

**ଓଡ଼ିଶା ରାଜ୍ୟ ବିଦ୍ୟାଳୟ ସମୂହ ସଫ୍ଟବଲ ପ୍ରତିଯୋଗିତା**

ସିମୁଳିଆ, ୧୦।୧(ସନ୍ତୋଷ କୁମାର ନାୟକ)



ଆସନ୍ତା ବୁଧବାରରୁ୫ଦିନ ବ୍ୟାପୀ ରାଜସ୍ଥାନର ବିକାନେରରେ ଅନୁଷ୍ଠିତ ରାଜ୍ୟସ୍ତରୀୟ ସଫ୍ଟବଲ ପ୍ରତିଯୋଗିତାରେ ଓଡିଶାର ୧୧ଟି ଜିଲାରୁ ୩୨ଜଣ କ୍ରୀଡାବିତ୍‌ଙ୍କ ସମେତ ୩ ପ୍ରଶିକ୍ଷକ ଟ୍ରେନ ଯୋଗେ ସୋମବାର ରାଜସ୍ଥାନ ଅଭିମୁଖେ ଯାତ୍ରା କରିଛନ୍ତି। ଏହି ପ୍ରତିଯୋଗୀମାନଙ୍କ ମଧ୍ୟରେ ସିମୁଳିଆରୁ ୭ଜଣ ଖେଳାଳି ଅଛନ୍ତି। ଶାରୀରିକ ଶିକ୍ଷାର ସହକାରୀ ନିର୍ଦ୍ଦେଶକ କୈଳାସଚନ୍ଦ୍ର ପ୍ରଧାନ, ରାଜ୍ୟ ବିଦ୍ୟାଳୟ ସମୂହର ସମ୍ପାଦକ ସପନ କୁମାର ଜେନାଙ୍କ ସମେତ ବିଭିନ୍ନ ବର୍ଗରୁ ସମସ୍ତ ଖେଳାଳିଙ୍କୁ ସ୍ୱାଗତ କରାଯାଇଥିଲା।

ସିମୁଳିଆର ସଦରମହକୁମା ମାର୍କୋଣାର ରଘୁନାରାୟଣ ସରକାରୀ ବିଦ୍ୟାଳୟ ପରିସର ବିଜୁ ପଟ୍ଟନାୟକ ମିନି ଷ୍ଟାଡିୟମ ପରିସରରେ ଗତ ୪ରୁ ଆରମ୍ଭ ହୋଇଥିବା ସଫ୍ଟବଲ ପ୍ରଶିକ୍ଷଣ ଶିବିର ସୋମବାର ଶେଷ ହୋଇଥିଲା। କ୍ରୀଡା ପ୍ରଶିକ୍ଷକ ବିଭୁଦତ୍ତ ରଥଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଶିବିରରେ ଏହି ଖେଳାଳିମାନେ ଅଂଶଗ୍ରହଣ କରିଥିଲେ। ଏହି ପ୍ରଶିକ୍ଷଣ ଶିବିରକୁ ମୁଖ୍ୟଅତିଥି ରୂପେ ବାଲେଶ୍ୱର ଜିଲାର ଶାରିରୀକ ଶିକ୍ଷା ନିରୀକ୍ଷକ ଅଶୋକ କୁମାର ନାୟକ, ସମ୍ମାନିତ ଅତିଥି ରୂପେ ମାର୍କୋଣା ଆଥ୍‌ଲେଟିକ ଆସୋସିଏଶନ ସମ୍ପାଦକ ରମାକାନ୍ତ ପଣ୍ଡା ଓ ରଘୁନାରାୟଣ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ପ୍ରଣତି ମହାନ୍ତି ଉଦ୍‌ଘାଟନ କରିଥିଲେ। ବାଳକ ବିଭାଗର ପ୍ରଶିକ୍ଷକ ରୂପେ ଅଡା ସରକାରୀ ଉଚ୍ଚ ବିଦ୍ୟାଳୟର କ୍ରୀଡା ଶିକ୍ଷକ ସୁଶାନ୍ତ କୁମାର ନାୟକ ଓ ବାଳିକା ପ୍ରଶିକ୍ଷକ ରୂପେ ଖୋର୍ଦ୍ଧ ରାମଚନ୍ଦ୍ର ସରକାରୀ ଉଚ୍ଚ ବିଦ୍ୟାଳୟର କ୍ରୀଡା ଶିକ୍ଷୟିତ୍ରୀ ସ୍ମିତା ଦାସ ଅଛନ୍ତି ।

